# ବାଲେଶ୍ୱରରେ ୧୦ ହଜାରରୁ ଅଧିକ ରୁଫ୍‌ଟପ୍ ସୋଲାର୍ ସ୍ଥାପନ



**ବାଲେଶ୍ୱର,୧୮।୬/ଏନ୍ଏନ୍ଏସ୍:** ସୌରଶକ୍ତିର ବିନିଯୋଗ ତଥା ସୌର ପ୍ୟାନେଲ୍ ସ୍ଥାପନା କ୍ଷେତ୍ରରେ ଏକ ଅଗ୍ରଣୀ ଜିଲ୍ଲା ଭାବେ ବାଲେଶ୍ୱର ରାଜ୍ୟସ୍ତରରେ ଗୌରବ ହାସଲ କରିଛି। 'ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜୁଳି ଯୋଜନା' ଅଧୀନରେ ବାଲେଶ୍ୱର ଜିଲ୍ଲାରେ ୧୦ ହଜାରରୁ ଅଧିକ ରୁଫଟପ୍ ସୋଲାର୍ (ଆର୍‌ଟିଏସ୍) ସ୍ଥାପନା ହୋଇଥିବାବେଳେ ଖୋର୍ଦ୍ଧା ପରେ ବାଲେଶ୍ୱର ରାଜ୍ୟରେ ଏହି ମାଇଲଖୁଣ୍ଟ ହାସଲ କରିଛି। ବାଲେଶ୍ୱରରେ ପ୍ରାୟ ୨୨ ମେଗାୱାଟ୍ କ୍ଷମତା ସହ ୧୦,୦୫୨ଟି ଆର୍‌ଟିଏସ୍ ସ୍ଥାପନା ହୋଇଥିବା ସୂଚନା ମିଳିଛି। ବାଲେଶ୍ୱର ବୈଦ୍ୟୁତିକ ମଣ୍ଡଳ ଅନ୍ତର୍ଗତ ସୋର ଡିଭିଜନ୍‌ରେ ୩,୦୮୯ଟି ଆର୍‌ଟିଏସ୍ ସ୍ଥାପନା ହୋଇଥିବାବେଳେ ସିଇଡିରେ ୨,୧୭୫, ଜଳେଶ୍ୱରରେ ୧,୮୪୦, ବସ୍ତାରେ ୧,୬୦୧ ଓ ବିଇଡିରେ ୧,୩୪୭ଟି ସୋଲାର୍ ବ୍ୟବସ୍ଥା ପିଏମ୍ ସୂର୍ଯ୍ୟ ଘର ଓ ୟୁଏଲ୍ଏ ମଡେଲ୍ ଅଧୀନରେ ସ୍ଥାପନା କରାଯାଇଛି। ବାଲେଶ୍ୱର ବ୍ୟତୀତ ବାରିପଦା ମଣ୍ଡଳରେ ୫,୮୩୯, ଯାଜପୁରରେ ୪,୮୪୩, କେନ୍ଦୁଝରରେ ୩,୪୧୦ ଓ ଭଦ୍ରକରେ ୩,୪୦୪ ଜଣ ଉପଭୋକ୍ତା ପିଏମ୍ ସୂର୍ଯ୍ୟ ଘର ଯୋଜନା ଅଧୀନରେ ସୌର ପ୍ୟାନେଲ୍ ସ୍ଥାପନା କରିଛନ୍ତି। ସେହିପରି ଟିପିଏନ୍ଓଡିଏଲ୍ ପକ୍ଷରୁ ଉପଭୋକ୍ତାଙ୍କୁ ସୁବିଧାରେ ସେବା ଯୋଗାଇବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ନେଟ୍ ମିଟର୍ ଉପଲବ୍ଧତା, ସମୟୋପଯୋଗୀ ନିରୀକ୍ଷଣ ଓ ସ୍ଥାପନା, ଭେଣ୍ଡର୍ ପଞ୍ଜିକରଣକୁ ସହଜ ଓ ସୁବିଧାଜନକ କରାଯାଇଛି। ଏହି ଅବସରରେ ଟିପିଏନ୍ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଦୁଷ୍ୟନ୍ତ କୁମାର ତ୍ୟାଗୀ କହିଛନ୍ତି ଯେ ଉତ୍ତର ଓଡ଼ିଶାରେ ଉପଭୋକ୍ତାମାନେ ଅକ୍ଷୟ ଓ ସବୁଜ ଶକ୍ତିର ବ୍ୟବହାର ପାଇଁ ବେଶ୍ ଆଗ୍ରହୀ ଏବଂ ଏହାର ଆବଶ୍ୟକତା ନେଇ ସଚେତନ ଅଛନ୍ତି। ରାଜ୍ୟସ୍ତରରେ ବାଲେଶ୍ୱର ହାସଲ କରିଥିବା ମାଇଲ୍‌ଖୁଣ୍ଟ ଉପଭୋକ୍ତାଙ୍କ ବିଶ୍ୱାସ, ପ୍ରଶାସନର ସହଯୋଗ ଓ କର୍ମଚାରୀଙ୍କ କର୍ତ୍ତବ୍ୟନିଷ୍ଠାର ପ୍ରତିଫଳନ ବୋଲି ଶ୍ରୀ ତ୍ୟାଗୀ ଦର୍ଶାଇଛନ୍ତି।

**ରବି ଧାନ ସଂଗ୍ରହରେ ଦୁର୍ନୀତି**

# ମଣ୍ଡି ନଖୋଲିବାରୁ ଚାଷୀଙ୍କ ଆତ୍ମହତ୍ୟା ଉଦ୍ୟମ



**ଧାମନଗର,୧୮।୬/ଏନ୍ଏନ୍ଏସ୍:** ଧାମନଗର ବ୍ଲକ୍‌ରେ ରବି ଧାନ ସଂଗ୍ରହ ବ୍ୟବସ୍ଥାରେ ଚରମ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ମିଲର୍ ଓ ସେକ୍ରେଟେରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ଜଣେ ଚାଷୀ ଅତିଷ୍ଠ ହୋଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଚାଷୀ ଜଣକ ହେଲେ ଧୂଷୁରୀ ଥାନା ଅନ୍ତର୍ଗତ ବମକୁରା ଖଡ଼ିମାହାରା ଘାଟସାହି ଅଞ୍ଚଳର ଚିତ୍ତରଞ୍ଜନ ମଲ୍ଲିକ। ପ୍ରକାଶଥାଉକି ଅଞ୍ଚଳରେ ରବି ଧାନ ଅମଳ ହୋଇସାରିଥିଲେ ମଧ୍ୟ ସରକାରୀସ୍ତରରେ ମଣ୍ଡି ଅଦ୍ୟାବଧି ଖୋଲାଯାଇ ନାହିଁ। ଯେଉଁ ଚାଷୀମାନେ ନିୟମିତ ଭାବେ ଅନଲାଇନ୍ ପଞ୍ଜିକରଣ କରିଛନ୍ତି ସେମାନଙ୍କୁ ଧାନ ବିକ୍ରି ପାଇଁ କୌଣସି ସୁଯୋଗ ବା ଟୋକନ୍ ମିଳୁନାହିଁ। ଅନ୍ୟପଟେ ସୋସାଇଟି ସେକ୍ରେଟେରୀ ଓ କେତେକ ଅସାଧୁ ବେପାରୀ ମିଳିତଭାବେ ଚାଷୀଙ୍କୁ ଶୋଷଣ କରୁଥିବା ଅଭିଯୋଗ ହୋଇଛି। ପ୍ରକୃତ ଚାଷୀଙ୍କଠାରୁ କୁଇଣ୍ଟାଲ ପ୍ରତି ୨୪ରୁ ୨୫ କିଲୋ ପର୍ଯ୍ୟନ୍ତ ଅତ୍ୟଧିକ କଟ୍‌ନୀ ଛଟ୍‌ନୀ (ପୋଡ଼ା) କାଟିବା ପାଇଁ ବାଧ କରାଯାଉଛି। ନିଜର କଷ୍ଟଅର୍ଜିତ ଧାନ ବିକ୍ରି କରିନପାରି ଏବଂ ଦଲାଲ ଓ ଅଧିକାରୀଙ୍କ ଦୌରାତ୍ମ୍ୟରେ ଅତିଷ୍ଠ ହୋଇ ଚାଷୀ ଚିତ୍ତରଞ୍ଜନ ବମକୁରା ସୋସାଇଟି ଅଫିସ୍ ସାମ୍ନାକୁ ଯାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେଠାରେ ଉପସ୍ଥିତ ଅନ୍ୟ ଚାଷୀମାନେ ତାଙ୍କୁ ତୁରନ୍ତ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଧୂଷୁରୀ ଡାକ୍ତରଖାନାକୁ ନେଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ତୀବ୍ର

**ମିଲର୍ ଓ ସେକ୍ରେଟେରୀଙ୍କ ମନମାନୀ**

ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଯଦି ତୁରନ୍ତ ସରକାରୀ ମଣ୍ଡି ଖୋଲାନଯାଏ ଏବଂ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ଦଲାଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତା'ହେଲେ ଆଗାମୀ ଦିନରେ ସମଗ୍ର ଧାମନଗର ଓ ଧୂଷୁରୀ ଅଞ୍ଚଳରେ ଚାଷୀମାନେ ରାସ୍ତାରୋକ କରିବା ସହ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ



**ସୋର,୧୮।୬/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ପ୍ରତି ବ୍ଲକ୍‌ରେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ଅବସରରେ ସୋର ବ୍ଲକ୍‌ରେ ଆୟୋଜିତ କାର୍ଯ୍ୟକ୍ରମର ଦ୍ୱିତୀୟଦିନରେ ମୁଖ୍ୟଅତିଥି ଭାବେ ସୋର ବିଡିଓ ସୁବ୍ରତ କୁମାର ବେହେରା, ସମ୍ମାନିତ ଅତିଥିଭାବେ କୃଷି ବିଜ୍ଞାନର ଡ଼ଃ ସଞ୍ଜୟ କୁମାର ମହାନ୍ତି ଓ ଜିଲ୍ଲାପରିଷଦ ଜୟନ୍ତ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ କୃଷି ବିଜ୍ଞାନ ବିଭାଗ ଉପରେ ଆଲୋଚନା ହୋଇଥିଲା। ଏହାସହ ଓଡ଼ିଶାର ସମସ୍ତ ଜନସାଧାରଣଙ୍କ ବିକାଶ ପାଇଁ ମିଶନ୍‌ଶକ୍ତି ୧, ମିଶନଶକ୍ତି ୨ ଓ ପିଏମ୍ ସୂର୍ଯ୍ୟ ଘର ଭଳି ଷ୍ଟଲ୍ ବସାଇ ବିକାଶ ଧାରା କିପରି ଆଗକୁ ଯାଇପାରିବ ସେନେଇ ବୁଝା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ମିଶନ୍‌ଶକ୍ତି ପକ୍ଷରୁ ଷ୍ଟଲ୍ କରାଯାଇ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା। ଲୋକଙ୍କୁ ସରକାରଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ସଚେତନ କରିବା ସହ କୃଷି ବିଭାଗ ପକ୍ଷରୁ ରିହାତି ଦରରେ କୃଷି ଯନ୍ତ୍ରପାତି ଯୋଗେଇ ଦିଆଯିବା ଏବଂ ବିଦ୍ୟୁତ୍ ପାଇଁ କମ୍ ଖର୍ଚ୍ଚରେ ଟାଟା ପାୱାର୍ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ମହିଳା ଯୋଗ ଦେଇଥିଲେ।

# ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତିକୁ ନେଇ ସଚେତନତା



**ତିହିଡ଼ି,୧୮।୬/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ତିହିଡ଼ି ବ୍ଲକ୍ ପରିସରରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟରେ ବିଜେପି ସରକାରର ଦୁଇ ବର୍ଷ ଭିତରେ ସଂପୃକ୍ତ ଗୋଷ୍ଠୀ ପାଇଁ କ'ଣ ପଦକ୍ଷେପ ନିଆଯାଇଛି ସେସମ୍ପର୍କରେ ଆଲୋଚନା ହୋଇଥିଲା। ତିହିଡ଼ି ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୌମ୍ୟା ସୁଚରିତା ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତିହିଡ଼ି ବିଡିଓ ନିରଞ୍ଜନ ବାରିକ ପୌରୋହିତ୍ୟ କରିଥିଲେ। ସାଂସଦଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ରଘୁନାଥ ପାତ୍ର, ତିହିଡ଼ି ପଞ୍ଚାୟତ ସମିତି ଅଧ୍ୟକ୍ଷା ଅବନ୍ତୀ ମଲିକ ଓ ଅତିରିକ୍ତ ବିଡିଓ ମୀନକେତନ ବାରିକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଅନୁସୂଚିତ ଜାତି ଓ ଜନଜାତିଙ୍କ ଅଗ୍ରଗତି ପାଇଁ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଓ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ତିହିଡ଼ି ସରପଞ୍ଚ, ସମିତିସଭ୍ୟ, ଲୋକପ୍ରତିନିଧି ଓ ଛାତ୍ରଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ବାରିପଦା ବ୍ଲକ୍ କାର୍ଯ୍ୟାଳୟ ଘେରିଲା ବିଜେଡି**

# 'ସାଧାରଣ ଲୋକଙ୍କ ପାଇଁ ଲଢ଼େଇ ଅବ୍ୟାହତ ରହିବ'



**ବାରିପଦା,୧୮।୬/ଏନ୍ଏନ୍ଏସ୍:** ବାରିପଦା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ପକ୍ଷରୁ ଏକ ବିଶାଳ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ବୃଦ୍ଧ, ବିଧବା, ଭିନ୍ନକ୍ଷମ ଓ ଅନ୍ୟାନ୍ୟ ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ଭତ୍ତା ପ୍ରଦାନ, ବ୍ଲକ୍‌ରେ ଚାଲିଥିବା ତଥାକଥିତ ପିସି କାରବାର ଓ ବିଡିଓଙ୍କ ମନମୁଖୀ କାର୍ଯ୍ୟଶୈଳୀ ପ୍ରତିବାଦରେ ୪ ହଜାରରୁ ଅଧିକ ବିଜେଡି କର୍ମୀ, ଶୁଭେଚ୍ଛୁ ଓ ନେତୃମଣ୍ଡଳୀ ଏହି ବିକ୍ଷୋଭରେ ସାମିଲ୍ ହୋଇଥିଲେ। ପାଲବାଣୀ ଦୁର୍ଗାପୂଜା ମଣ୍ଡପରୁ ହଜାର ହଜାର କର୍ମୀ ପ୍ରବଳ ଗ୍ରୀଷ୍ମପ୍ରବାହକୁ ଭ୍ରୁକ୍ଷେପ ନକରି ନିଜ ଅଧିକାର ପାଇଁ ରାଲିରେ ବାହାରି ବାରିପଦା ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବିଜେଡିର ବରିଷ୍ଠ ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ବାରିପଦା ବ୍ଲକ୍‌ର ୧୧ଟି ପଞ୍ଚାୟତରୁ ବହୁ ସଂଖ୍ୟକ ବୃଦ୍ଧ, ବୃଦ୍ଧା, ଭିନ୍ନକ୍ଷମ ଓ ସାଧାରଣ ଜନତା ଯୋଗଦେଇ ବ୍ଲକ୍ ପ୍ରଶାସନ ବିରୋଧରେ ନିଜର କ୍ଷୋଭ ପ୍ରକାଶ କରିଥିଲେ। ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ଶେଷ ରକ୍ତବିନ୍ଦୁ ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ ବୋଲି ଶ୍ରୀ ମାର୍ଣ୍ଡି କହିଥିଲେ। ତେବେ ତୁରନ୍ତ

**ତୁରନ୍ତ ଭତ୍ତା ପ୍ରଦାନ, ପିସି କାରବାର ଓ ବିଡିଓଙ୍କ ମନମୁଖୀ କାର୍ଯ୍ୟଶୈଳୀର ପ୍ରତିବାଦ**

ଯଦି ଭତ୍ତା ପ୍ରଦାନ ଓ ଦୁର୍ନୀତି ବନ୍ଦ ନହୁଏ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ ଏବଂ ତୀବ୍ର କରାଯିବ ବୋଲି ସେ ବ୍ଲକ୍ ପ୍ରଶାସନକୁ ଚେତାବନୀ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ମୟୂରଭଞ୍ଜ ସଦର ଜିଲ୍ଲା ସଭାପତି ଡା. ଦେବାଶିଷ ମାର୍ଣ୍ଡି, ପୂର୍ବତନ ମନ୍ତ୍ରୀ ତଥା ସାଂସଦ ସରୋଜିନୀ ହେମ୍ବ୍ରମ୍, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍, ରାଜକିଶୋର ଦାସ, ଗଣେଶ୍ୱର ପାତ୍ର, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ରାଜ୍ୟ ସମ୍ପାଦକ ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ସୁବ୍ରମଣ୍ୟମ୍ ମହାନ୍ତି, ବ୍ଲକ୍ ଅଧ୍ୟକ୍ଷ ସୁନ୍ଦର ସିଂ, ବାରିପଦା ବ୍ଲକ୍ ସଭାପତି ସୁଜିତ ମହାନ୍ତ, ବାରିପଦା ସହର ସଭାପତି ପ୍ରଭାତ ମହାନ୍ତି, ବରିଷ୍ଠ ନେତା ପ୍ରଭାତ ନାୟକ, ସତ୍ୟରଞ୍ଜନ ପଟ୍ଟନାୟକ, ସରୋଜ ମହାପାତ୍ର, ଲଲାଟେନ୍ଦୁ ବେହେରା, ଜିଲ୍ଲାପରିଷଦ ସଦସ୍ୟ ନରେନ୍ଦ୍ର ହାଁସଦା, ହୃଦାନନ୍ଦ ମୁର୍ମୁ ଓ ପୂର୍ବତନ ମହିଳା ବିଜେଡି ସଭାପତି ଦିପ୍ତିଲତା ମିଶ୍ର ପ୍ରମୁଖ ଯୋଗଦେଇ ଦାବିପୂରଣ ନହେଲେ ଆଗାମୀ ଦିନରେ ଜିଲ୍ଲାବ୍ୟାପୀ ଗଣଆନ୍ଦୋଳନ ଗଢ଼ି ଉଠିବ ବୋଲି ସତର୍କ କରାଇଥିଲେ।

# ବିପର୍ଯ୍ୟୟ ପରିଚାଳନା ନିମନ୍ତେ ପ୍ରସ୍ତୁତି



**କେନ୍ଦୁଝର,୧୮।୬/ଏନ୍ଏନ୍ଏସ୍:** ପ୍ରାକୃତିକ ବିପର୍ଯ୍ୟୟର ପରିଚାଳନା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଟେବୁଲ୍ ଟପ୍ ଅଭ୍ୟାସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନେଶ୍ୱର ସେଠୀ, ଡେପୁଟି କଲେକ୍ଟର୍ ଆପତକାଳୀନ ଅଭିଳାଷ ପୁରୋହିତ, ଏସିଏଫ୍ ଅଶୋକ ଦାସ ଓ ଏନ୍‌ଡିଆରଏଫ୍ ଇନ୍ସପେକ୍ଟର୍ ବରୁନ କୁମାରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହିଥିଲେ। କେନ୍ଦୁଝରରେ ସଫଳ ଭାବେ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଜିଲ୍ଲାସ୍ତରୀୟ, ବ୍ଲକ୍‌ସ୍ତରୀୟ ଓ ସମସ୍ତ ପୌରାଞ୍ଚଳର ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଏବଂ କୁଶଳତାକୁ ସଠିକ୍ ଭାବେ ବିକାଶ କରି ଉପଯୋଗ କରାଯିବା ପାଇଁ ଆଲୋଚନା ହୋଇଥିଲା। ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ସମ୍ଭାବ୍ୟ ବିପର୍ଯ୍ୟୟ ପୂର୍ବରୁ ଏହାର ମୁକାବିଲା ପାଇଁ ବ୍ୟାପକ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି। ବିପର୍ଯ୍ୟୟ ସମୟରେ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଗୋଟିଏ ଟିମ୍ ହୋଇ କାର୍ଯ୍ୟ କରିବା ସହିତ ପ୍ରଭାବିତ ଜନସାଧାରଣଙ୍କୁ ଖାଦ୍ୟ, ଔଷଧ, ପାନୀୟଜଳ, ଚୁଡ଼ା, ଗୁଡ଼ ମହଜୁଦ୍ ରଖିବା ଓ ସଠିକ୍ ଭାବେ ପରିଚାଳନା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ବିପର୍ଯ୍ୟୟ ସମୟରେ ସବୁ ବିଭାଗର ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଅନୁରୋଧ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥାର ବିଶେଷଜ୍ଞ ଅମ୍ବିକା ପ୍ରସାଦ ମିଶ୍ର ଯୋଗ ଦେଇଥିଲେ। ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟ କିପରି କରାଯାଇପାରିବ ସେସମ୍ପର୍କରେ ଏନ୍‌ଡିଆର୍ଏଫ୍ ଓ ଅଗ୍ନିଶମ ବିଭାଗ ଦ୍ୱାରା ମକ୍‌ଡ୍ରିଲ୍ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶେଖ ଇଜାଜ୍ ଇକବାଲ୍ ପରିଚାଳନା କରିଥିଲେ।

# ଦେବଦମ୍ପତିଙ୍କ ସରିଲା ମଙ୍ଗଳକୃତ୍ୟ



**ଭଦ୍ରକ,୧୮।୬/ଏନ୍ଏନ୍ଏସ୍:** ବାବା ଆଖଣ୍ଡଳମଣିଙ୍କ ପ୍ରସିଦ୍ଧ ଶିବ ବିବାହ ପାଇଁ ଗୁରୁବାର ବୈଦିକ ରୀତିନୀତି ଅନୁସାରେ ମଙ୍ଗଳକୃତ୍ୟ ଓ ହଳଦୀ ନୀତି ସମ୍ପନ୍ନ ହୋଇଛି। ଶୁକ୍ରବାର ଦେବଦମ୍ପତି ବିବାହ ବନ୍ଧନରେ ବାନ୍ଧି ହେବ। ଗୁରୁବାର ବରପିତା ଓ କନ୍ୟାପିତାଙ୍କ ପକ୍ଷରୁ ମଣିବାବା ଓ ମାତା ପାର୍ବତୀଙ୍କ ଚଳନ୍ତିପ୍ରତିମା ହର ଓ ଗୌରୀଙ୍କୁ ଘଣ୍ଟାକୀର୍ତ୍ତନ, ଛତ୍ର ଆଲଟ ଚାମର ଦ୍ୱାରା ଏକ ସୁସଜ୍ଜିତ ପାଲିଙ୍କିରେ ନେବା ପରେ ୭ ଜଣ ମହିଳାଙ୍କ ଦ୍ୱାରା ହଳଦୀ ନୀତି ସହ ପଞ୍ଚାମୃତରେ ମଙ୍ଗଳକୃତ୍ୟ ନୀତି କରାଯାଇଥିଲା। ପରେ ଜାଇ ରଗଡ଼ା ଯିବା ସହ ହରଗୌରୀଙ୍କୁ ସୁସଜ୍ଜିତ ବେଶ କରାଯାଇ ଭୋଗ ଅର୍ପଣ କରାଯାଇଥିଲା। ଶୁକ୍ରବାର ସକାଳ ୧୦ଟାରେ ବରଧରା ଗମନ ଶୋଭାଯାତ୍ରା ଅନୁଷ୍ଠିତ ହେବ। ମଧ୍ୟାହ୍ନ ୧ଟାରେ ବରଧରା ବରଣ କାର୍ଯ୍ୟ ସମ୍ପନ୍ନ ହେବାସହ ଅପରାହ୍ଣରେ ମଣିବାବା ଓ ମାତା ପାର୍ବତୀ ରାଜରାଜେଶ୍ୱର ଓ ରାଜରାଜେଶ୍ୱରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ସଂଧ୍ୟା ୭ଟାରେ ବରାନୁଗମନ ଶୋଭାଯାତ୍ରା ଅନୁଷ୍ଠିତ ହେବାସହ ମଧ୍ୟରାତ୍ରରେ ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ହେବ। ଏଥିପାଇଁ ଶ୍ରୀକ୍ଷେତ୍ର ପୁରୀ ଧାମର ସାହିମେଢ଼ ନୃତ୍ୟ, ଢେଙ୍କାନାଳର ଦୁଲୁଦୁଲି ବାଦ୍ୟ, ପଶ୍ଚିମବଙ୍ଗ ମେଦିନପୁରର ମୟୂରଚୂଳିଆ ବାଦ୍ୟ ଦଳ ଓ ବ୍ରହ୍ମପୁରର ଯୋଡ଼ିଶଙ୍ଖ ନୃତ୍ୟ ଦଳ ପୀଠ ପହଞ୍ଚି ଯାଇଛନ୍ତି। ବାଜା, ବାଣ ଓ ରୋଷଣୀ ସହ ଲକ୍ଷାଧିକ ଭକ୍ତଙ୍କ ଗହଣରେ ଦେବଦମ୍ପତିଙ୍କ ବିବାହ ଉତ୍ସବ ସମ୍ପନ୍ନ ହେବ ବୋଲି ମନ୍ଦିରର ସେବାୟତ କହିଛନ୍ତି। ଅନ୍ୟପଟେ ପୀଠରେ ସୁରକ୍ଷା ବ୍ୟବସ୍ଥା ପାଇଁ ୩ ଜଣ ମାଜିଷ୍ଟ୍ରେଟ୍‌ଙ୍କ ସହ ଭଦ୍ରକ ଏସ୍‌ପି, ୨ ଜଣ ଅତିରିକ୍ତ ଏସ୍‌ପି, ୬ ଜଣ ଡିଏସ୍‌ପି, ୧୨ ଜଣ ଅଫିସର୍‌ଙ୍କ ସହ ୧୪ ପ୍ଲାଟୁନ ଫୋର୍ସ ଓ ଟ୍ରାଫିକ୍ ପୁଲିସ୍ ମୁତୟନ ରହିବେ।

**ରଜରେ ଫୁଟବଲ୍ ପ୍ରତିଯୋଗିତା**

# ଡୁମୁର୍ଡାକୁ ହରାଇ ଲୋସର୍ଦ୍ଦା ବିଜୟୀ



**ଯୋଡ଼ା,୧୮।୬/ଏନ୍ଏନ୍ଏସ୍:** କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ ବୋଲାଣି ପଞ୍ଚାୟତର ଲୋସର୍ଦ୍ଦା ଗ୍ରାମରେ ୩ ଦିନ ଧରି ରଜ ପର୍ବ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ଏକ ଫୁଟବଲ୍ ପ୍ରତିଯୋଗିତା ମଧ୍ୟ ହୋଇଥିଲା। ଏହି ପ୍ରତିଯୋଗିତାର ଫାଇନାଲ୍ ମୁକାବିଲା ଲୋସର୍ଦ୍ଦା ଏବଂ ଡୁମୁର୍ଡା ମଧ୍ୟରେ ଦେଖିବାକୁ ମିଳିଥିଲା। କଡ଼ା ଟକ୍କର୍ ମଧ୍ୟରେ ପେନାଲଟି ସୁଟଆଉଟ୍‌ରେ ଲୋସର୍ଦ୍ଦା ବିଜୟୀ ହୋଇଥିବାବେଳେ ଖେଳକୁ ଉପଭୋଗ କରିବା ପାଇଁ ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ଥିଲେ। ଏହି ଅବସରରେ ଓବିସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ଚନ୍ଦ୍ରଗୁପ୍ତ ପ୍ରସାଦ ମୁଖ୍ୟଅତିଥି ରୂପେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସେ କହିଥିଲେ ଯେ ଖେଳ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ ବରଂ ଶୃଙ୍ଖଳା, ଏକତା, ନେତୃତ୍ୱ ଓ ସୁସ୍ଥ ଜୀବନଶୈଳୀର ବାର୍ତ୍ତା ବହନ କରେ। ଯୁବପିଢ଼ିଙ୍କ ମଧ୍ୟରେ ଖେଳ ପ୍ରତି ଆଗ୍ରହ ବୃଦ୍ଧି ପାଇଁ ଏଭଳି ଟୁର୍ଣ୍ଣାମେଣ୍ଟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଯୁବକମାନେ ଖେଳକୁ ନିଜ ଜୀବନର ଏକ ଅଂଶ କରି ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିବାକୁ ସେ ଆହ୍ୱାନ କରିଥିଲେ। ଶେଷରେ ଉଭୟ ବିଜେତା ଏବଂ ରନର୍ସଅପ୍ ଦଳକୁ ଶ୍ରୀ ପ୍ରସାଦ ଟ୍ରଫି, ପଦକ ଓ ପୁରସ୍କାର ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ଅନୁଷ୍ଠାନରେ ସ୍ଥାନୀୟ ଜନପ୍ରତିନିଧି, ସମାଜସେବୀ, କ୍ରୀଡ଼ା ସଂଗଠକ ଓ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶେଷରେ ଆୟୋଜକ କମିଟି ପକ୍ଷରୁ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ**

# 'ଗରିବ, ମହିଳା, ଚାଷୀ, ଯୁବବର୍ଗଙ୍କ ବିକାଶ ପାଇଁ ସରକାର ସଙ୍କଳ୍ପବଦ୍ଧ'



**ବାରିପଦା,୧୮।୬/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ 'ବିକାଶର ଧାରା ଓଡ଼ିଶା ସାରା' ବାର୍ତ୍ତାକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ସଫଳତା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଏବେର ସରକାର ହେଉଛି ପ୍ରକୃତରେ ଲୋକଙ୍କ ସରକାର। ମୁଖ୍ୟମନ୍ତ୍ରୀ କେବଳ ଭୁବନେଶ୍ୱରରେ ସୀମିତ ନରହି ରାଜ୍ୟର ବିଭିନ୍ନ ଅଞ୍ଚଳ ଗସ୍ତ କରି ସେଠାରେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଏବଂ ସମସ୍ୟାର ସମାଧାନ କରୁଛନ୍ତି। ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ୧୨୧ଟି ସ୍ୱତନ୍ତ୍ର ଯୋଜନା ଆଣିଛନ୍ତି। ବିଶେଷକରି ଗରିବ କଲ୍ୟାଣ ଯୋଜନା ସହ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ସମନ୍ୱୟ କରାଯାଇ ହିତାଧିକାରୀଙ୍କୁ ୧୦ କେଜି ଲେଖାଏଁ ଚାଉଳ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଚାଷ ଓ ଚାଷୀଙ୍କ ଉନ୍ନତି ପାଇଁ ସରକାର ଅନେକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି। ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟରେ ଐତିହାସିକ ସୁଭଦ୍ରା ଯୋଜନା ସହ ଲଖପତି ଦିଦି ଯୋଜନା କାର୍ଯ୍ୟକାରୀ କରାଯାଉଛି। ସେହିପରି ଯୁବବର୍ଗଙ୍କ ରୋଜଗାର ଓ ନିଯୁକ୍ତି ପାଇଁ ନୂତନ ଶିଳ୍ପ ପ୍ରତିଷ୍ଠା ଉପରେ ଜୋର୍ ଦିଆଯାଉଛି। ମନ୍ତ୍ରୀ ସହରାଞ୍ଚଳର ବିକାଶ ସମ୍ପର୍କରେ କହିଛନ୍ତି ଯେ ରାଜ୍ୟରେ ସହରୀକରଣ ବୃଦ୍ଧି ପାଇଁ ନୂତନ ଏନ୍‌ଏସି ଓ ପୌରପରିଷଦ ଗଠନ କରାଯାଇ ଭିତ୍ତିଭୂମିର ବିକାଶ କରାଯାଉଛି। ସହରରେ ଗରିବ ଓ ମଧ୍ୟବିତ୍ତଙ୍କ ବାସଗୃହ ସମସ୍ୟାର ସମାଧାନ ପାଇଁ ସ୍ୱତନ୍ତ୍ର ପ୍ଲାନିଂ ଅନୁସାରେ ସୁବିଧାରେ ଘର ଯୋଗାଇବା ସହ ଇକୋନୋମିକାଲି ୱିକର୍ ସେକ୍ସନ୍ ଲାଗି ରେଣ୍ଟେଡ୍ ହାଉସ୍ ନିର୍ମାଣ କରାଯାଉଛି। ଏହାସହ ସହରାଞ୍ଚଳରେ ଆଧୁନିକ ଷ୍ଟ୍ରିଟ୍ ଲାଇଟ୍, ୨୪୭ ସ୍ୱଚ୍ଛ ପାନୀୟଜଳ ଓ ଉନ୍ନତ ଡ୍ରେନେଜ୍ ବ୍ୟବସ୍ଥା ସହ ପୁରାତନ ସ୍ଥାନ ଗୁଡ଼ିକର ନବୀକରଣ କାର୍ଯ୍ୟ ଜାରି ରହିଛି। ଆଗାମୀ ୨୦୩୬ ମସିହାରେ ଓଡ଼ିଶା ଗଠନର ୧୦୦ ବର୍ଷ ପୂର୍ତ୍ତି ହେବାକୁ ଯାଉଥିବାବେଳେ ସେତେବେଳକୁ ଓଡ଼ିଶାକୁ ୫୦୦ ବିଲିୟନ୍ ଡଲାର୍ ଅର୍ଥନୈତିକ ଅଭିବୃଦ୍ଧି ସମ୍ପନ୍ନ ରାଜ୍ୟରେ ପରିଣତ କରିବା ପାଇଁ ସରକାର ଏକ ଦୂରଦୃଷ୍ଟିସମ୍ପନ୍ନ ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଓ ବହୁ ସଂଖ୍ୟାରେ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ମା' ମାଟିଆ ମଙ୍ଗଳାଙ୍କ ବାର୍ଷିକ ଯଜ୍ଞ



**ସୋର,୧୮।୬/ଏନ୍ଏନ୍ଏସ୍:** ସୋର ପୌରପାଳିକା ଅନ୍ତର୍ଗତ ୱାର୍ଡ ନଂ ୧୦ ଖଣ୍ଡାସାହି ଗ୍ରାମରେ ମା' ମାଟିଆ ମଙ୍ଗଳା ଠାକୁରାଣୀଙ୍କ ବାର୍ଷିକ ହୋମ ଶାନ୍ତି ଯଜ୍ଞ ପାଳିତ ହୋଇଯାଇଛି। ରବିବାର ଓ ସୋମବାର ଦୁଇ ଦିନ ଧରି ଗ୍ରାମରେ ନାମସଙ୍କୀର୍ତ୍ତନ ସହର ପରିକ୍ରମା ପରେ ଠାକୁରାଣୀଙ୍କ ଯଜ୍ଞ ଆରମ୍ଭ କରାଯାଇଥିଲା। ଯଜ୍ଞ ପରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ଖଣ୍ଡାସାହି ଗ୍ରାମର ବହୁ ବୁଦ୍ଧିଜୀବୀ, ନାଗରିକ ଓ ବିଭିନ୍ନ ୱାର୍ଡର ଭକ୍ତ ଯଜ୍ଞରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସଭାପତି ପ୍ରତାପ ଚନ୍ଦ୍ର ନାୟକ, ସମ୍ପାଦକ କମ୍ବୁନାଥ ମହାଳିକ, ମନୋରଞ୍ଜନ ମହାଳିକ, ରତିକାନ୍ତ ମହାଳିକ, ଦୟାନିଧି ମହାଳିକ, ବିଭୁଦତ୍ତ ମହାଳିକ, ମାନସ ରଞ୍ଜନ ମହାଳିକ, ପୂର୍ଣ୍ଣଚନ୍ଦ୍ର ଦାସ, ବାବାଜୀ ମହାଳିକ, ପ୍ରଶାନ୍ତ ନାୟକ, ଶଶୀକାନ୍ତ ବାରିକ, ନିରଞ୍ଜନ ମହାଳିକ, ସନାତନ ମହାଳିକ, ଶୈଳ ମହାଳିକ, ଜଗନ୍ନାଥ ବାରିକ, ସୀତାକାନ୍ତ ମହାଳିକ ଓ ବିଭୁତି ଭୂଷଣ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

